# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 2nd August – 2025

**********************************

## ମୁଖ୍ୟ ସମ୍ବାଦ

- ପିଏମ୍‌-କିଷାନ ଯୋଜନାରେ ୨୦ତମ କିସ୍ତିରେ ୯ କୋଟି ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୨୦ ହଜାର ୫୦୦ କୋଟି ଟଙ୍କା ପ୍ରଦାନ କଲେ ପ୍ରଧାନମନ୍ତ୍ରୀ ।

— ରାଜ୍ୟର ସମସ୍ତ ଯୋଗ୍ୟ ଚାଷୀଙ୍କୁ ଏହି ଯୋଜନାରେ ସାମିଲ୍‌ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି; କହିଲେ ମୁଖ୍ୟମନ୍ତ୍ରୀ ।

- ମହାନଦୀ ଜଳବିବାଦର ପରବର୍ତ୍ତୀ ଶୁଣାଣି ହେବ ଆସନ୍ତା ମାସ ୬ ତାରିଖରେ ।

- ଶ୍ରୀମନ୍ଦିରରେ ଜୈବିକ ଚାଉଳରେ ଅବଢ଼ା ପ୍ରସ୍ତୁତପାଇଁ ସରକାରଙ୍କ ନିଷ୍ପତ୍ତି ।

ଏବଂ

- ଆସନ୍ତା ୧୬ ତାରିଖରୁ ସର୍ବସାଧାରଣ ପରିଦର୍ଶନ ପାଇଁ ଖୋଲା ରହିବ ରାଷ୍ଟ୍ରପତି ଭବନ ଅମୃତ ଉଦ୍ୟାନ ।

*Desk*

# ପି.ଏମ୍. କିଷାନ - କିସ୍ତି

ପିଏମ୍ କିଷାନ ସମ୍ମାନନିଧି ଯୋଜନା କୃଷକଙ୍କ କଲ୍ୟାଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ଉଦାହରଣ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଉତ୍ତରପ୍ରଦେଶର ବାରାଣାସୀରୁ ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପିଏମ୍ କିଷାନ ସମ୍ମାନନିଧି ଯୋଜନାର ୨୦ତମ କିସ୍ତିରେ ୯ କୋଟି ୭୦ଲକ୍ଷରୁ ଅଧିକ ଚାଷୀଙ୍କୁ ୨୦ହଜାର ୫୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ୧୦ବର୍ଷ ମଧ୍ୟରେ ଚାଷୀଙ୍କ ପ୍ରତ୍ୟେକ ସମସ୍ୟାର ସମାଧାନ ପାଇଁ ସରକାର ଆନ୍ତରିକତାର ସହ କାର୍ଯ୍ୟ କରିଛନ୍ତି ।

ପି.ଏମ୍. କିଷାନ ଯୋଜନା ଅଧୀନରେ ପ୍ରତିବର୍ଷ ୬ହଜାର ଟଙ୍କାର ଆର୍ଥିକ ଅନୁଦାନ ୩ଟି କିସ୍ତିରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପ୍ରଦାନ କରାଯାଉଛି । ଏ ପର୍ଯ୍ୟନ୍ତ ଏହି ଯୋଜନା ଅଧୀନରେ ମୋଟ୍ ୩ଲକ୍ଷ ୯୦ହଜାର କୋଟିରୁ ଅଧିକ ଟଙ୍କା ବଣ୍ଟନ କରାଯାଇସାରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଚାଷୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ସରକାର ପ୍ରଧାନମନ୍ତ୍ରୀ ଧନଧାନ୍ୟ ଯୋଜନା ଆରମ୍ଭ କରିଛନ୍ତି । ଏହି ଯୋଜନା ଅଧୀନରେ ୨୪ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇ ଛୋଟ ଜିଲ୍ଲାଗୁଡ଼ିକର ଉନ୍ନତୀକରଣ ଦିଗରେ କାର୍ଯ୍ୟ କରାଯିବ । ଫସଲବୀମା ଯୋଜନା ଅଧୀନରେ ଏପର୍ଯ୍ୟନ୍ତ ୧ଲକ୍ଷ ୭୫

ହଜାର କୋଟି ଟଙ୍କା ଚାଷୀଙ୍କୁ ପ୍ରଦାନ କରାଯାଇସାରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

***Desk***

# ପି.ଏମ୍. କିଷାନ୍ - ମୁଖ୍ୟମନ୍ତ୍ରୀ

ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ରାଜ୍ୟର ସମସ୍ତ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ସରକାରଙ୍କ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟପାଳନ ସଂସ୍ଥା–ସିଫା'ଠାରେ ଆଜି ପିଏମ୍-କିଷାନ ସମ୍ମାନ ନିଧି ଯୋଜନାର ହିତାଧିକାରୀଙ୍କୁ ୨୦ତମ କିସ୍ତିର ସହାୟତା ରାଶି ପ୍ରଦାନ କରି ଶ୍ରୀ ମାଝୀ କହିଛନ୍ତି, ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତ ଗଠନରେ ଚାଷୀ ଭାଇଭଉଣୀଙ୍କ ଯୋଗଦାନ ଅଦ୍ୱିତୀୟ ରହିବ । ଫସଲର ବିବିଧୀକରଣଦ୍ୱାରା ସରକାରଙ୍କ ବିଭିନ୍ନ ଯୋଜନାକୁ ସଦୁପଯୋଗ କରି ଆୟ ବୃଦ୍ଧି କରିବାପାଇଁ ହିତାଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି ।

***Voice :............***

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ୩୪ ଲକ୍ଷ ୮୫ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୬୯୭ କୋଟି ଟଙ୍କା ପ୍ରଦାନ କରିଛନ୍ତି। ସିଏମ୍-କିଷାନରେ ରାଜ୍ୟର ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି । ଏହି ଅର୍ଥ

ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଜମାଖାତାକୁ ହସ୍ତାନ୍ତର କରାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ଚାଷୀଙ୍କୁ ଧାନଚାଷ ସହ ବିଭିନ୍ନ ପ୍ରକାର ତୈଳବୀଜ ଚାଷ କରିବାପାଇଁ ପରାମର୍ଶ ଦେଇଛନ୍ତି । ଅର୍ଥ ଉପାର୍ଜନ ସହ ସ୍ୱାସ୍ଥ୍ୟ ଉପରେ ଧ୍ୟାନ କେନ୍ଦ୍ରିତ କରି ଜୈବିକ ଚାଷ କରିବା ଉପରେ ଶ୍ରୀ ସିଂହଦେଓ ଗୁରୁତ୍ୱାରୋପ କରିଥିଲେ ।

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ପି.ଏମ୍. କିଷାନ ଦିବସ ପାଳନ କରାଯିବା ସହ ଯୋଜନାରେ ଅନ୍ତର୍ଭୁକ୍ତ ହେବାପାଇଁ କୃଷକମାନଙ୍କୁ ସଚେତନ କରାଯାଉଛି ।

***Kalahandi, Bhadrak, Baragarh, Rayagada, Sambalpur, Ganjam, Jajpur/R***

# ପି.ଏମ୍. କିଷାନ୍ - ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ପିଏମ୍-କିଷାନ ସମ୍ମାନନିଧି ଯୋଜନାରେ ହିତାଧିକାରୀମାନଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଛି। କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ କୃଷି ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ୧୩ଟି ବ୍ଲକ୍‌ର ପଞ୍ଜିକୃତ ୧ ଲକ୍ଷ ୫୨ ହଜାର ୧୭୬ ଜଣ ଚାଷୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି ।

ଭଦ୍ରକ ଜିଲ୍ଲା ଟାଉନ୍ ହଲ୍‌ଠାରେ ଜିଲ୍ଲାର ୧ ଲକ୍ଷ ୬୦ ହଜାର ୧୮୦ ଜଣ ଚାଷୀଙ୍କ ବ୍ୟାଙ୍କ୍ ଖାତାକୁ ୩୧ କୋଟି ୩ ଲକ୍ଷ ୬୦ ହଜାର ଟଙ୍କା ହସ୍ତାନ୍ତର କରାଯାଇଛି ।

ବରଗଡ଼ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ପି.ଏମ୍. କିଷାନ ଯୋଜନାର ୨୦ ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମରେ ସାଂସଦ ପ୍ରଦୀପ ପୁରୋହିତ ଉପସ୍ଥିତ ରହି ୧ ଲକ୍ଷ ୬୫ ହଜାର ୮୮୩ ଜଣ ଚାଷୀଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି ।

ରାୟଗଡ଼ା ଜିଲ୍ଲା ସଦର ମହକୁମା ସମେତ ମୁନିଗୁଡ଼ା କୃଷି କାର୍ଯ୍ୟାଳୟରେ ୮୧ ହଜାର ୨୦୦ ଜଣ ଚାଷୀଙ୍କୁ ପି.ଏମ୍. କିଷାନ ଯେଜାନାର ୨୦ତମ କିସ୍ତି ପ୍ରଦାନ କରାଯାଇଛି ।

ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ପ୍ରମୁଖ ଉପସ୍ଥିତ ରହି ଏହି ଯୋଜନାର ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ରାଶି ବଣ୍ଟନ କରିଛନ୍ତି ।

ଗଞ୍ଜାମ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଭି. କୀର୍ତ୍ତିଓ୍ୱାସନ ଜିଲ୍ଲାର ୧ ଲକ୍ଷ ୭୦ ହଜାର ଚାଷୀଙ୍କୁ ପି.ଏମ୍. କିଷାନ ଯୋଜନାର କିସ୍ତି ପ୍ରଦାନ କରିଛନ୍ତି ।

ଯାଜପୁର ଜିଲ୍ଲା ସଂସ୍କୃତି ଭବନରେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଉପସ୍ଥିତିରେ ୧ ଲକ୍ଷ ୬୦ ହଜାର ୪୬୨ର ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ୩୨ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି ।

*Desk*

## ମହାନଦୀ ଜଳବିବାଦ

ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଚାଲିଥିବା ମହାନଦୀ ଜଳ ବିବାଦ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାସ ୬ ତାରିଖରେ ହେବ ବୋଲି ଖଣ୍ଡପୀଠ ପକ୍ଷରୁ ଦର୍ଶାଯାଇଛି । ଉଭୟ ରାଜ୍ୟର ମୁଖ୍ୟ ସଚିବ ଓ ରାଜନୈତିକ ସ୍ତରରେ ଆଲୋଚନା ଜାରି ରହିଥିବାରୁ ସମାଧାନ ପାଇଁ ଉଭୟ ପକ୍ଷ ରାଜି ଥିବା ଜଣାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବିବାଦ ସମ୍ପର୍କରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କୁ ପ୍ରତିଉତ୍ତର ଦେଇଛନ୍ତି । ଛତିଶଗଡ଼ ମୁଖ୍ୟମନ୍ତ୍ରୀ ମଧ୍ୟ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ପାଇଁ ସହମତି ପ୍ରକାଶ କରିଥିବା ଜଣାଯାଇଛି ।

*HS*

## ଜୈବିକ ଚାଉଳ - ଅବଢ଼ା

ପୁରୀ ଶ୍ରୀମନ୍ଦିରରେ ଜୈବିକ ଚାଉଳରେ ଅବଢ଼ା ପ୍ରସ୍ତୁତ ପାଇଁ ସରକାର ୫ ବର୍ଷିଆ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିଛନ୍ତି । ଏଥିପାଇଁ ୮ଟି ଜିଲ୍ଲା - କନ୍ଧମାଳ, ମାଲକାନାଗିରି, କୋରାପୁଟ, ରାୟଗଡ଼ା, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଏବଂ ବଲାଙ୍ଗିରରେ ଜୈବିକ ଚାଷ କରାଯିବ ବୋଲି ନିଷ୍ପତ୍ତି

ନିଆଯାଇଛି । ବଳଭଦ୍ର ଜୈବିକ ଚାଷ ମିଶନ ଅଧୀନରେ ୧୧୩ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସରକାର ଏ ବାବଦରେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୮ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

***HS***

## ମଧ୍ୟାହ୍ନ ଭୋଜନ - ଫଳ

ପି.ଏମ୍. ପୋଷଣ ଯୋଜନାରେ ସ୍କୁଲ୍ ପିଲାଙ୍କୁ ମଧ୍ୟାହ୍ନ ଭୋଜନରେ ଫଳ ପ୍ରଦାନ କରାଯିବ । ଏନେଇ ଯୋଜନାର ରାଜ୍ୟ ନୋଡାଲ୍ ଅଫିସର୍ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି । ଶିଶୁବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅଣ୍ଡା ଖାଉ ନ ଥିବା ଛାତ୍ରଛାତ୍ରୀମାନଙ୍କୁ ଫଳ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି ।

***Sonepur/R***

## ସ୍ୱାଧୀନତା - ନିମନ୍ତ୍ରଣ

ଅଣାଅଶୀତମ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ଉପଲକ୍ଷେ ରାଷ୍ଟ୍ରପତି ଭବନରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଓଡ଼ିଶାର ୩ ଜଣଙ୍କୁ ନିମନ୍ତ୍ରଣ କରାଯାଇଛି। ସୁବର୍ଣ୍ଣପୁର ଜିଲ୍ଲା ବିନିକା ବିଜ୍ଞପିତ ଅଞ୍ଚଳ ପରିଷଦ ମନହାରୀପଡ଼ାର ସୁରେଖା ମଲ୍ଲିକଙ୍କୁ ରାଷ୍ଟ୍ରପତି

ଭବନ ଯିବାପାଇଁ ନିମନ୍ତ୍ରଣ କରାଯାଇଛି । ସୁରେଖା ଅଳ୍ପ ବୟସରେ ନିଜର ସ୍ୱାମୀଙ୍କୁ ହରାଇବା ପରେ ପରିବାରର ଭରଣପୋଷଣପାଇଁ କୌଳିକ ବୃତ୍ତିକୁ ଅବଲମ୍ବନ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସୁରେଖାଙ୍କୁ ରହିବାପାଇଁ ବାସଗୃହ ମିଳିବା ପରେ ସେ ନିଜର ଖୁସି ବ୍ୟକ୍ତ କରିବା ସହ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି :

***Voice (Surekha)*** :.......

***Rayagada/R***

# ନିର୍ମାଣ ବର୍ଜ୍ୟବସ୍ତୁ

ରାୟଗଡ଼ା ପୌରାଞ୍ଚଳରେ ବିଭିନ୍ନ ନିର୍ମାଣ କାର୍ଯ୍ୟର ବର୍ଜ୍ୟବସ୍ତୁ ସୁପରିଚାଳନାପାଇଁ ଜନସାଧାରଣଙ୍କୁ ସଚେତନ କରାଯିବା ସହ ପୌର ପରିଷଦ ପକ୍ଷରୁ ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା । ଏ ବାବଦରେ ମୋଟ୍ ୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ସହରର ବିଭିନ୍ନ ସ୍ଥାନରୁ ଏକକ ବ୍ୟବହୃତ ପଲିଥିନ୍‌କୁ ଜବତ କରାଯିବା ସହ ୧୦ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି । ସହରର ବିଭିନ୍ନ ସ୍ଥାନରେ ଲଗାଯାଇଥିବା ବେଆଇନ ହୋର୍ଡ଼ିଂକୁ ଟିମ୍‌ଦ୍ୱାରା ମଧ୍ୟ ହଟେଇ ଦିଆଯାଉଛି ।

*Malkangiri/R*

## ସମୀକ୍ଷା ବୈଠକ

ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ବିଭିନ୍ନ ବିଭାଗର କାର୍ଯ୍ୟାନ୍ୱୟନ ନେଇ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କ ନିର୍ଦ୍ଦେଶ ଦେଇଛନ୍ତି ।

*HS*

## ରାଷ୍ଟ୍ରପତି ଭବନ - ଉଦ୍ୟାନ

ରାଷ୍ଟ୍ରପତି ଭବନର ଅମୃତ ଉଦ୍ୟାନ ଆସନ୍ତା ୧୬ ତାରିଖରୁ ସେପ୍ଟେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲାଯିବ । ସୋମବାର ବ୍ୟତୀତ ଅନ୍ୟଦିନମାନଙ୍କରେ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜନସାଧାରଣ ଉଦ୍ୟାନ ପରିଭ୍ରମଣ କରିପାରିବେ ।

*Kendrapara/R*

## ଶିଶୁପାଇଁ ଦିନଟିଏ

କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ 'ଶିଶୁପାଇଁ ଦିନଟିଏ' କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ରଘୁରାମ୍

ଆର୍. ଆୟାର୍ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିଶୁ ଶ୍ରମିକ, ବାଲ୍ୟବିବାହ, ଶିଶୁ ଅଧିକାର, ବେଟି ବଚାଓ ବେଟି ପଢ଼ାଓ, ଲିଙ୍ଗ ଅନୁପାତ ଆଦି ବିଷୟରେ ଆଲୋଚନା ହୋଇଥିଲା । ଏହାସହ ଜିଲ୍ଲାପାଳ ଶ୍ରୀ ଆୟାର୍ ଶିଶୁ ସହାୟତା ନମ୍ବରରେ ଆସୁଥିବା ଅଭିଯୋଗଗୁଡ଼ିକର ସମୀକ୍ଷା କରିଛନ୍ତି ଏବଂ ସେ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟିପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

***Desk***

# ସାମ୍ବାଦିକ ସମ୍ମାନିତ

ସମ୍ପୂର୍ଣ୍ଣତା ଅଭିଯାନ ଅଧୀନରେ ନବରଙ୍ଗପୁର ଜିଲ୍ଲାରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଆକାଶବାଣୀ ଓ ଦୂରଦର୍ଶନର ଜିଲ୍ଲା ସାମ୍ବାଦିକ ପ୍ରଭାତୀ ବିଷୋୟୀଙ୍କୁ ନୀତି ଆୟୋଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି । ତୃଣମୂଳ ସ୍ତରରେ ଜନସଚେତନତା ସୃଷ୍ଟି କରିବା ଏବଂ ଆକାଂକ୍ଷୀ ଜିଲ୍ଲାର ଲକ୍ଷ୍ୟ ପୂରଣ ଦିଗରେ ସେ କାର୍ଯ୍ୟ କରି ଆସୁଛନ୍ତି । ନିରନ୍ତର ପ୍ରଚେଷ୍ଟା ଏବଂ ଉତ୍କୃଷ୍ଟ ସାମ୍ବାଦିକତାପାଇଁ ବିଭିନ୍ନ ମହଲରୁ ତାଙ୍କୁ ପ୍ରଶଂସା କରାଯାଉଛି ।

*Nayagarh/R*

## ସଂସ୍କୃତି ଭବନ

ନୟାଗଡ଼ ଜିଲ୍ଲା ପଠାଣି ସାମନ୍ତ ସଂସ୍କୃତି ଭବନରେ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଜିଲ୍ଲାସ୍ତରୀୟ ଆକାଂକ୍ଷ ହାଟ ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ 'ଭୋକାଲ୍ ଫର୍ ଲୋକାଲ୍' ଯୋଜନା ସମ୍ପର୍କରେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାର ଦଶପଲ୍ଲା ବ୍ଲକ୍‌କୁ ଆକାଂକ୍ଷୀ ବ୍ଲକ୍ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରସ୍କୃତ କରିଛନ୍ତି । କୃଷି, ଉତ୍ପାଦନ ଏବଂ ବିଭିନ୍ନ କ୍ଷେତ୍ରରେ ଜିଲ୍ଲା ଉନ୍ନତ ପ୍ରଦର୍ଶନ କରୁଥିବା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ବୈଠକରେ କହିଛନ୍ତି ।

*Kendrapara/R*

## ଓସ୍ୱାସ୍

କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାର୍‌ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନଙ୍କ ନେଇ ଓଡ଼ିଶା ଷ୍ଟେଟ୍ ୱାକ୍ ଫ୍ଲୋ ଅଟୋମେସନ୍ ସିଷ୍ଟମ୍ - ଓସ୍ୱାସ୍'ର ବ୍ୟବହାରକୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି । ସରକାରୀ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ

କାର୍ଯ୍ୟାଳୟଗୁଡ଼ିକରେ ଆଗାମୀ ଦିନରେ ଡିଜିଟାଲ୍ ମୋଡ୍‌ରେ କାର୍ଯ୍ୟ କରାଯିବାନେଇ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

******